# ବିକାଶର ଭିନ୍ନ ଏକ ପ୍ରମାଣ!

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ନବୀନବାବୁଙ୍କ ୧୪ ବର୍ଷର ନିରବଚ୍ଛିନ୍ନ ଓ ନିରଙ୍କୁଶ ଶାସନ କାଳରେ ଓଡ଼ିଶାର କି ବିକାଶ ହୋଇଛି? ଏଭଳି ଏକ ପ୍ରଶ୍ନକୁ ପ୍ରସଙ୍ଗ କରାଯାଇ ପାରିବ କି ନାହିଁ ବୋଲି ପ୍ରଶ୍ନ କରାଯାଇପାରେ। କାରଣ ନବୀନବାବୁ ଗତ ନିର୍ବାଚନରେ ପୂର୍ବାପେକ୍ଷା ଅଧିକ ଭୋଟ୍ ପାଇ ଓ ଅଧିକ ସଂଖ୍ୟକ ସିଟ୍ ଦଖଲ କରି ବିପୁଳ ସଫଳତା ହାସଲ କରିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହାକୁ ବିକାଶର ଏକ ପ୍ରମାଣ ବୋଲି ଗ୍ରହଣ କରାଯାଇ ପାରେ। ଆମେ କିନ୍ତୁ ବିକାଶର ଭିନ୍ନ ଏକ ପ୍ରମାଣ ସମ୍ପର୍କରେ ଉଲ୍ଲେଖ କରିବାକୁ ଚାହୁଁ। ସେଥିପାଇଁ ଈଶ୍ୱର ଷଣ୍ଢଙ୍କର ପରିବାରର ଉଦାହରଣ ଦେବା ଆବଶ୍ୟକ ମନେକରୁଛୁ।

ଗତ ଶତାବ୍ଦୀର ଷାଠିଏ ଦଶକର କଥା। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର ଇଚ୍ଛାନଗର ପାଟଣା ଗ୍ରାମରେ ଈଶ୍ୱର ଷଣ୍ଢଙ୍କର ଜନ୍ମ। ପରିବାରର ଆର୍ଥିକସ୍ଥିତି ଆଦୌ ସ୍ୱଚ୍ଛଳ ନୁହେଁ। ଜମିବାଡ଼ି ବେଶି କିଛି ନଥିଲା। ବଜାରରେ ପେଡ଼ା ବିକି ପେଟ ପୋଷୁଥିଲେ। ଈଶ୍ୱରଙ୍କର ପାଞ୍ଚ ପୁଅ। ସବା ସାନପୁଅଙ୍କ ନାଆଁ ବିଦ୍ୟାଧର। ନିଜର ସାଙ୍ଗିଆ 'ଷଣ୍ଢ' ନଲେଖି ସେ 'ଜେଙ୍କା' ଲେଖନ୍ତି। ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ କୌଣସି ସୂଚନା ନାହିଁ। କାରଣ ହାଇସ୍କୁଲ ପରୀକ୍ଷା ଦେବା ଆଗରୁ ସେ ସ୍କୁଲ ଛାଡ଼ିଥିଲେ। ବିଦ୍ୟାଧର କିଛିକାଳ ଟ୍ରେକର ଚଳାଉଥିଲେ। ତା'ପରେ ବଡ଼ ଗାଡ଼ି ଚଳାଇଲେ। ତାଙ୍କର ଆଉ ଦୁଇ ଭାଇ ମଧ୍ୟ ଗାଡ଼ି ଚଳାନ୍ତି। ବାକି ଦୁଇ ଭାଇଙ୍କ ମଧ୍ୟରୁ ଜଣେ ଔଷଧ ଦୋକାନରେ ଔଷଧ ବିକନ୍ତି ଏବଂ ଅନ୍ୟ ଜଣେ ଜୀବନବୀମା ଏଜେଣ୍ଟ୍ ହେବା ସହିତ ରାଜନୀତି କରନ୍ତି। ରାଜନୀତିରେ ୱାର୍ଡମେମ୍ବର ହୋଇ ସଫଳ ମଧ୍ୟ ହୋଇଛନ୍ତି। କିନ୍ତୁ ବିଦ୍ୟାଧରଙ୍କ ସଫଳତା ବୋଧହୁଏ ସବୁଠାରୁ ଉଲ୍ଲେଖନୀୟ। ସାତବର୍ଷ ତଳର ଟ୍ରେକର ଚାଳକ ଆଜି ସମାଜରେ ଜଣେ ସ୍ଥିତିବାନ, ପ୍ରତିଷ୍ଠିତ ବ୍ୟକ୍ତି। ଲୁହାଛଡ଼ ଓ ସିମେଣ୍ଟରୁ ବନ୍ଧୁକ ପର୍ଯ୍ୟନ୍ତ ତାଙ୍କର ବେପାର ବ୍ୟାପିଛି; ଯଦିଓ ଏସବୁ କେଉଁଠୁ ଆସେ ତାହା କେହି ଜାଣନ୍ତି ନାହିଁ। ଶାସକ ଦଳର ଆଗଧାଡ଼ିର ସେ ଜଣେ ସକ୍ରିୟ କର୍ମୀ, ମନ୍ତ୍ରୀ ଓ ବିଧାୟକଙ୍କର ଅତ୍ୟନ୍ତ ପାଖଲୋକ ଏବଂ ନିଜ ଅଞ୍ଚଳର ଯୁବମାନସର ଆଦର୍ଶ ଓ ଆକର୍ଷଣର କେନ୍ଦ୍ର।

ଏଭଳି ଏକ ସଫଳ କାହାଣୀର ଶ୍ରେୟ ନବୀନବାବୁଙ୍କୁ ଦେବାରେ ଆମେ କାର୍ପଣ୍ୟ କରିବା କାହିଁକି? କିନ୍ତୁ ଏ ସଫଳତାର ରହସ୍ୟ କ'ଣ? ଏଭଳି ପ୍ରଶ୍ନ ଆଜି ଆମକୁ ବିବ୍ରତ କରୁଛି। ଭାତହାଣ୍ଡିରୁ ଗୋଟିଏ ଚିପିଲା ପରି ଏଭଳି ଘଟଣା ଆଜି ଓଡ଼ିଶାରେ ବ୍ୟତିକ୍ରମ ନୁହେଁ। ବରଂ ଏକ ସାଧାରଣ ଅନୁଭବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଛତିଆରେ ସେଦିନ ଯେଉଁଭଳି ବିଦ୍ୟାଧରଙ୍କର ଅନୁଗତ ବନ୍ଧୁମାନେ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍ ହାତରୁ ତାଙ୍କୁ ଜୋର୍ ଜବରଦସ୍ତି ମୁକୁଳାଇ ନେଲେ, ସ୍ଥାନୀୟ ପୁଲିସ ନିରବ ଦ୍ରଷ୍ଟା ସାଜିଲା; ଗତକାଲି ସେହିପରି ବିଂଝାରପୁରରେ ଶାସକ ଦଳର ସମର୍ଥକମାନେ ଲାଞ୍ଚୁଆ ପୁଲିସ ଓ ଓକିଲଙ୍କୁ ଭିଜିଲାନ୍ସ ପୁଲିସ ହାତରୁ ଛଡ଼ାଇ ନେଲେ। ମନେହେଲା, ସତେ ଯେପରି ବିଦ୍ୟାଧରଙ୍କର ସଫଳତା ସେମାନଙ୍କୁ ମଧ୍ୟ ଊଣା ଅଧିକେ ପ୍ରଭାବିତ ଓ ଉତ୍ସାହିତ କରିଛି। କେବଳ ଛତିଆ କି ବିଂଝାରପୁର ନୁହେଁ, ଓଡ଼ିଶାର ସବୁ ପୁଲିସ ଷ୍ଟେସନ ଆଜି ଶାସକ ବିଜେଡି ଦଳର କାର୍ଯ୍ୟାଳୟ ସାଜିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନିରବ ରହି ଏକ ସ୍ପଷ୍ଟ ବାର୍ତ୍ତା ଦେଉଛନ୍ତି ଯେ ଆମେ ନିର୍ବାଚନ ଜିତିଛୁ, ଆମ ସମର୍ଥକମାନଙ୍କର ସାତଖୁଣ୍ ମାଫ୍। 'ପଣ୍ଡିତପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ନ୍ୟାୟରେ ବିଜେଡି ସମର୍ଥକମାନଙ୍କର କୌଣସି କାର୍ଯ୍ୟକଳାପ ଦୋଷାବହ ନୁହେଁ। ସ୍ୱାଭାବିକ ଭାବରେ ପୁଲିସ ବିଜେଡି ବିରୋଧୀମାନଙ୍କର ଏତଲା ମଧ୍ୟ ଗ୍ରହଣ କରୁନାହିଁ। ଅଧିକ ଚାପ ପଡ଼ିଲେ ଶାସକଦଳର ଅଭିଯୁକ୍ତମାନଙ୍କୁ ଆଗୁଆ ଖବର ଦେଇ ପାଲଟା ଏତଲା ଦେବା ପାଇଁ ସୁଯୋଗ ଦେଉଛି ଏବଂ ମାମଲାର ରଫାଦଫା କରିଦେବା ପାଇଁ ଚାପ ପକାଉଛି। କୌଣସି ବ୍ୟକ୍ତି ଏହାର ପ୍ରତିବାଦ କଲେ ବା ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇଲେ ଓଲଟା ଧମକ ଦିଆଯାଉଛି। ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଛତିଆ ଘଟଣା ପରେ ଗତକାଲିର ବିଂଝାରପୁର ଘଟଣା ଏହାର ଆଉ ଏକ ଜ୍ୱଳନ୍ତ ପ୍ରମାଣ। 'ସମ୍ବାଦ'ର ସାମ୍ବାଦିକଙ୍କୁ ସେଇମାନେ ହିଁ ମାଡ଼ ମାରିଛନ୍ତି, ଯେଉଁମାନେ ପୂର୍ବଦିନ ଭିଜିଲାନ୍ସ ପୁଲିସ ହାତରୁ ଲାଞ୍ଚୁଆ ପୁଲିସ ଓ ଓକିଲଙ୍କୁ ମୁକୁଳାଇ ନେଇଥିଲେ। ଯଦି ରାଜଧାନୀରେ ରହୁଥିବା ମନ୍ତ୍ରୀ ଓ ବିଧାୟକମାନଙ୍କର ଦ୍ୱାର ସେମାନଙ୍କ ପାଇଁ ସବୁବେଳେ ଖୋଲାଥିବ, ତେବେ ଏଭଳି ସଙ୍ଗିନ୍ ଅଭିଯୋଗରେ ଅଭିଯୁକ୍ତ ଅପରାଧୀମାନେ ପୁଲିସ ହାତରେ ଧରାପଡ଼ିବେ କିପରି?

ଖଣି, ଜମି ଓ ଚିଟ୍‌ଫଣ୍ଡ ଦୁର୍ନୀତିରେ ସରକାରୀ କଳର ସିଧାସଳଖ ସମ୍ପୃକ୍ତି ପଦାକୁ ଆସିବା ପରେ ଏବେ ସ୍ଥାନୀୟ ପୁଲିସ ସହ ଶାସକ ବିଜେଡି ଦଳର ଅପରାଧପ୍ରବଣ ନେତାଙ୍କର ଅସାଧୁମେଣ୍ଟ ଓଡ଼ିଶାର ସାଂପ୍ରତିକ ଶାସନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଦ୍ୟାଧରଙ୍କ ଭଳି ସକ୍ରିୟ କର୍ମୀମାନଙ୍କୁ ଆଦର୍ଶ କରି ଓଡ଼ିଶାର ଯୁବସମାଜ ଅବାଟରେ ଯିବା ପାଇଁ ଉତ୍ସାହିତ ହେଉଛି। ମୁଖ୍ୟମନ୍ତ୍ରୀ ତଥା ଗୃହବିଭାଗର ମୁଖ୍ୟ ଭାବରେ ନବୀନବାବୁଙ୍କୁ ଏ ଦୋଷ ମୁଣ୍ଡାଇବାକୁ ପଡ଼ିବ। ଏହାର ପ୍ରାୟଶ୍ଚିତ କରିବା ପାଇଁ ହୁଏତ ଓଡ଼ିଶାବାସୀ ତାଙ୍କୁ ଯଥେଷ୍ଟ ସମୟ ଦେବେ ନାହିଁ। ଏକଛତ୍ରବାଦ ଓ ଏକଦେଶଦର୍ଶୀତାର ଅନ୍ତ ଘଟିବ ହିଁ ଘଟିବ। ଇତିହାସରେ ଏହାର ଅନେକ ନଜିର ଅଛି। ଓଡ଼ିଶା କେବଳ ସେଥିରେ ଆଉ ଏକ ପୃଷ୍ଠା ହୋଇ ଯୋଡ଼ି ହେବ।